# ଶିଶୁ, ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା

## ଶିଶୁ କିଏ ?



ଭାରତରେ ଶିଶୁମାନଙ୍କ ଅଧିକାର ଏବଂ କଲ୍ୟାଣ ନିମନ୍ତେ ଯଦିଓ ଅନେକ ଆଇନ କାର୍ଯ୍ୟକାରୀ ହେଉଛି, ତଥାପି ସେହିସବୁ ଆଇନ ଅଧୀନରେ 'ଶିଶୁ'କୁ ଭିନ୍ନ ଭିନ୍ନ ଭାବେ ବ୍ୟାଖ୍ୟା କରାଯାଇଛି । ତେବେ ଆନ୍ତର୍ଜାତୀୟ ସ୍ତରରେ ୧୮ ବର୍ଷ ବୟସରୁ କମ୍ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁଭାବେ ଗ୍ରହଣ କରାଯାଇଛି । ଏହା ମିଳିତ ଜାତିସଂଘର ଶିଶୁ ଅଧିକାର ସମ୍ମିଳନୀରୁ ଆସିଛି, ଯାହାକି ପୃଥିବୀର ପ୍ରାୟ ସମସ୍ତ ଦେଶ ଗ୍ରହଣ କରିଛନ୍ତି । ୧୯୯୨ ମସିହାରେ ଭାରତ ସରକାର ଏହାକୁ ଗ୍ରହଣ କରିଛନ୍ତି ଏବଂ ସେହିମତେ ଭାରତରେ ମଧ ୧୮ ବର୍ଷ ବୟସରୁ କମ୍ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁ ବୋଲି ବିବେଚନା କରାଯିବ । ସର୍ବଭାରତୀୟ ସ୍ତରରେ ଏହା 'ଶିଶୁ'ର ଗ୍ରହଣୀୟ ସଂଜ୍ଞା ।

## ଶିଶୁ ଅଧିକାର କ'ଣ ?

ଶିଶୁମାନଙ୍କ ଅଧିକାର ଦୁନିଆର ସବୁ ଶିଶୁଙ୍କ ପାଇଁ ସମାନ ଏବଂ ଏହାକୁ ଭାଗଭାଗ କରାଯାଇ ପାରିବ ନାହିଁ । ଶିଶୁମାନଙ୍କ ପାଇଁ ଏହା ପୂର୍ଣ୍ଣମାତ୍ରାରେ ଉପଲବ୍ଧ ହେବା ଆବଶ୍ୟକ ଏବଂ ଏଥିରେ କୌଣସି ପ୍ରକାରର ସାଲିସ କରାଯାଇ ପାରିବ ନାହିଁ । ଅଧିକାର ନ୍ୟାୟକୁ ସୁନିଶ୍ଚିତ କରିଥାଏ ଯାହାର ଅର୍ଥ ଏହା ସମସ୍ତଙ୍କ ପାଇଁ ସମାନ । ଶିଶୁମାନଙ୍କ ଅଧିକାରକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇଛି – ବ ୍ବାର ଅଧିକାର, ସୁରକ୍ଷାର ଅଧିକାର, ବିକାଶର ଅଧିକାର, ଏବଂ ସହଭାଗିତାର ଅଧିକାର

| ବ ୍ବାର ଅଧିକାର | ସୁରକ୍ଷାର ଅଧିକାର |
|---|---|
| • ଜୀବନ ଧାରଣ କରିବା | • ଶୋଷଣରୁ ସୁରକ୍ଷା |
| • ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ | • ନିର୍ଯ୍ୟାତନାରୁ ସୁରକ୍ଷା |
| • ନାମ ଏବଂ ଜାତୀୟତା | • ଅବହେଳାରୁ ସୁରକ୍ଷା |
| **ବିକାଶର ଅଧିକାର** | **ସହଭାଗିତାର ଅଧିକାର** |
| • ଶିକ୍ଷା | • ସ୍ୱାଧୀନଭାବେ ଅଭିବ୍ୟକ୍ତି ପ୍ରକାଶ କରିବା |
| • ଯତ୍ନ | • ସୂଚନା ହାସଲ କରିବା |
| • ଆମୋଦ ପ୍ରମୋଦ ଓ ମନୋରଞ୍ଜନ | • ସ୍ୱାଧୀନ ଚିନ୍ତା ଓ ବିବେକାନୁମୋଦିତ କାର୍ଯ୍ୟ |
| • ସାଂସ୍କୃତିକ କାର୍ଯ୍ୟକଳାପ | • ନିଜ ପସନ୍ଦର ଧର୍ମକୁ ପାଳନ କରିବା |

## ଶିଶୁ ସୁରକ୍ଷା କଣ ?

ଏହା ହେଉଛି ଶିଶୁମାନଙ୍କ ଜୀବନ, ବ୍ୟକ୍ତିତ୍ୱ ଏବଂ ଶୈଶବ ପ୍ରତି ଆଶଙ୍କା କରାଯାଉଥିବା କୌଣସି ବିପଦପୂର୍ଣ୍ଣ ସ୍ଥିତି ବା ପ୍ରକୃତ ବିପଦରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା । ଶିଶୁମାନଙ୍କୁ କୌଣସି ସମ୍ଭାବ୍ୟ ବିପଦ/କ୍ଷତିରୁ ରକ୍ଷା କରିବା ଓ ବିପଦପୂର୍ଣ୍ଣ ସ୍ଥିତିକୁ ହ୍ରାସ କରିବା ଏହାର ଅନ୍ତର୍ଭୁକ୍ତ । ଏହାକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି –




- କୌଣସି ଶିଶୁ ଯେମିତି ସାମାଜିକ ସୁରକ୍ଷା ଓ ନିରାପ । ବଳୟ ବାହାରକୁ ଚାଲି ନଯାଏ, ସେଥିପ୍ରତି ଯତ୍ନବାନ ହେବା ଏବଂ ସମୟ ଥାଉଥାଉ ଉଚିତ ପଦକ୍ଷେପ ଗ୍ରହଣ କରିବା; ଏବଂ
- ସୁରକ୍ଷା ଓ ନିରାପ । ବଳୟ ଭେଦି ବାହାରକୁ ଚାଲିଯାଇଥିବା ଶିଶୁକୁ ଉପଯୁକ୍ତ ଯତ୍ନ, ସୁରକ୍ଷା ଓ ସାହାଯ୍ୟ ଯୋଗାଇଦେଇ ପୁଣିଥରେ ସାମାଜିକ ସୁରକ୍ଷା ଓ ନିରାପ । ବଳୟ ଭିତରକୁ ଫେରାଇ ଆଣିବା


## କେଉଁ କଠିନ ପରିସ୍ଥିତିରୁ ଶିଶୁମାନଙ୍କୁ ସୁରକ୍ଷା ଆବଶ୍ୟକ:

- ହିଂସା, ନିର୍ଯ୍ୟାତନା, ଅସଦାଚରଣ, ଅପବ୍ୟବହାର
- ଶୋଷଣ (ଶାରୀରିକ/ମାନସିକ/ଯୌନ)
- ଶିଶୁ ଶ୍ରମିକ
- ବାଲ୍ୟ ବିବାହ
- ଶିଶୁ ଚାଲାଣ
- ବାସହରା ଶିଶୁ
- ପିତୃମାତୃହରା/ପରିତ୍ୟକ୍ତ/ସମର୍ପିତ ଶିଶୁ
- ମାତାପିତାଙ୍କ ଅବହେଳା, ଅଯୋଗ୍ୟ/ଅକ୍ଷମ ପିତାମାତା
- ଭିକ୍ଷାବୃ ି କରୁଥିବା ଶିଶୁ
- ଭିନ୍ନକ୍ଷମ (ଶାରୀରିକ/ମାନସିକ) ଶିଶୁ
- ନିରୁଦ୍ଦିଷ୍ଟ ବା ପଳାତକ ଶିଶୁ
- ନିଶା ଦ୍ରବ୍ୟ କିମ୍ବା ଅବୈଧ କାରବାରରେ ଜଡ଼ିତ ହେବାର ଆଶଙ୍କା ଥିବା ଶିଶୁ
- ସଶସ୍ତ୍ର ସଂଘର୍ଷ, ଜନ ଅଶାନ୍ତି ବା ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତ/କ୍ଷତିଗ୍ରସ୍ତ ଶିଶୁ

* ଏହିପରି ଅନ୍ୟାନ୍ୟ ପରିସ୍ଥିତି ଯାହା ଶିଶୁର ସୁରକ୍ଷାକୁ ବିପନ୍ନ କରେ

## ଶିଶୁ ସୁରକ୍ଷା ବଳୟ

ଶିଶୁ (ଚିତ୍ର)
ପରିବାର
ଗୋଷ୍ଠୀ
ଶିଶୁ ଯତ୍ନ ଅନୁଷ୍ଠାନ
ସ୍ଥାନୀୟ ପ୍ରଶାସନ
ରାଜ୍ୟ ସରକାର
କେନ୍ଦ୍ର ସରକାର
ଆନ୍ତର୍ଜାତୀୟ ବେସରକାରୀ/ସରକାରୀ ସଂଗଠନ




## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟଗଣ

| କ୍ରମିକ ସଂଖ୍ୟା | ପ୍ରତିନିଧି | ପଦବୀ | ସଂଖ୍ୟା |
|---|---|---|---|
| ୧. | ବ୍ଲକ ଚେୟାରମ୍ୟାନ | ଅଧ୍ୟକ୍ଷ | ୧ |
| ୨. | ଗୋଷ୍ଠୀ ଉନ୍ନୟନ ଅଧିକାରୀ | ସଦସ୍ୟ-ସଚୀବ | ୧ |
| ୩. | ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରତିନିଧି | ସଦସ୍ୟ | ୧ |
| ୪. | ସି.ଡ଼ି.ପି.ଓ. (ସମନ୍ୱିତ ଶିଶୁ ବିକାଶ ଯୋଜନାର ପ୍ରତିନିଧି) | ସଦସ୍ୟ | ୧ |
| ୫. | ବ୍ଲକ ଶିକ୍ଷା ଅଧିକାରୀ (ଶିକ୍ଷା ବିଭାଗ) | ସଦସ୍ୟ | ୧ |
| ୬. | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ) | ସଦସ୍ୟ | ୧ |
| ୭. | ବ୍ଲକର ସମ୍ମାନନୀୟ ବ୍ୟକ୍ତି (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ମନୋନୀତ) | ସଦସ୍ୟ | ୨ କିମ୍ବା ଅଧିକ |
| ୮. | ନାଗରିକ ସମାଜର ପ୍ରତିନିଧି (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ମନୋନୀତ) | ସଦସ୍ୟ | ୨ କିମ୍ବା ଅଧିକ |
| ୯. | ବ୍ଲକରେ ଥିବା ସମସ୍ତ ପ ାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷ | ସଦସ୍ୟ | |

## ଶିଶୁ ସୁରକ୍ଷା କମିଟିର ଆବଶ୍ୟକତା:

- ଆ ଳିକ ସ୍ତରରେ ଯତ୍ନ ଓ ସୁରକ୍ଷା ଲୋଡ଼ୁଥିବା ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କ ଥଇଥାନ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ନଜରକୁ ଆଣିବା
- ସେହି ଶିଶୁମାନଙ୍କ ପରିବାରକୁ ସରକାରଙ୍କ ବିଭିନ୍ନ ସାମାଜିକ ନିରାପ । ଯୋଜନା ସହ ସହବନ୍ଧିତ କରାଇ ସେମାନଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରାଇବା
- ନିଜ ଅ ଳର ସମସ୍ତ ଶିଶୁ ଯେପରି ବିଦ୍ୟାଳୟକୁ ଯାଉଥିବେ, ତାହା ସୁନିଶ୍ଚିତ କରାଇବା
- ଜନସାଧାରଣ ଏବଂ ବିଭିନ୍ନ ଶିଶୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସମନ୍ୱୟତା ରକ୍ଷା ଦିଗରେ ସହାୟକ ହେବା

## ବ୍ଲକ ଏବଂ ପ ାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ମୁଖ୍ୟ କାର୍ଯ୍ୟ, ଦାୟିତ୍ୱ ଏବଂ ଭୂମିକା:

- ଯଥା ସମ୍ଭବ, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ ବ୍ଲକ କାର୍ଯ୍ୟାଳୟ ଏବଂ ପ ାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ ପ ାୟତ କାର୍ଯ୍ୟାଳୟରେ କରାଯିବ ।
- ବୈଠକଗୁଡ଼ିକ ତ୍ରୈମାସିକ ଅନ୍ତରାଳରେ ହେବ ।
- ଶିଶୁ ସୁରକ୍ଷା କମିଟିର ପ୍ରଥମ ବୈଠକ ଏହା ଗଠିତ ହେବାର ମାସକ ଭିତରେ କରାଯିବ ।
- ପ ାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକର ବିବରଣୀ ଦୁଇ ସପ୍ତାହ ମଧ୍ୟରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଯିବ । ସେହିପରି ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ବିବରଣୀ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଯିବ ।



- ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି, ସମସ୍ତ ପ ାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ସହ ସମନ୍ୱୟ ରକ୍ଷା କରି ସେଠାରେ ଥିବା ଶିଶୁ ସୁରକ୍ଷା ବିଷୟଗୁଡ଼ିକୁ ସମାଧାନ କରିବେ ।
- ଶିଶୁ ସୁରକ୍ଷା କମିଟିର ସଦସ୍ୟଗଣ ତୃଣମୂଳସ୍ତରରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବେ ।
- ଗୋଷ୍ଠୀ ଏବଂ ବିଭିନ୍ନ ଶିଶୁ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଏକ ସମନ୍ୱୟକାରୀ ସଂସ୍ଥା ରୂପେ କାର୍ଯ୍ୟ କରିବେ ।

- ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କୁ ଶିଶୁ କଲ୍ୟାଣ କମିଟିଙ୍କ ନିକଟରେ ପହ ାଇବାକୁ ସୁନିଶ୍ଚିତ କରିବେ ।

**ଶିଶୁ ସୁରକ୍ଷା ପାଇଁ ବ୍ଲକ ଏବଂ ପ ାୟତରେ କ'ଣ ସବୁ ବ୍ୟବସ୍ଥା ରହିବ:**

- ତ୍ରୈମାସିକ ଅନ୍ତରାଳରେ ବୈଠକ ଅନୁଷ୍ଠିତ
- ବୈଠକରେ ଆଲୋଚିତ ହେଉଥିବା ପ୍ରସ୍ତାବଗୁଡ଼ିକ ଲିପିବଦ୍ଧ ହେବାପାଇଁ ବିବରଣୀ ପୁସ୍ତିକା
- ବ୍ଲକ ଏବଂ ସମସ୍ତ ପ ାୟତ ପ୍ରାଚୀର/କାନ୍ଥରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, ଚାଇଲ୍ଡଲାଇନ, ପୋଲିସ ଆଦି ଶିଶୁ ସୁରକ୍ଷା ଅଂଶୀଦାରମାନଙ୍କର ଫୋନ ନମ୍ବର
- ଶିଶୁ ସୁରକ୍ଷା କୈନ୍ଦ୍ରିକ ସମସ୍ତ ପ୍ରଚାର ପତ୍ର/ପତ୍ରିକା ବ୍ଲକ/ପ ାୟତ କାର୍ଯ୍ୟାଳୟରେ ରହିବ

## ଶିଶୁମାନଙ୍କ ପାଇଁ ଥିବା ଗୁରୁ ୍ୱପୂର୍ଣ୍ଣ ଆଇନ, ନୀତି ଓ ସାମ୍ବିଧାନିକ ବ୍ୟବସ୍ଥା:

| **ଆଇନ୍, ବିଧି ବ୍ୟବସ୍ଥା ଓ ନୀତି ସମୂହ** | **ସାରାଂଶ** |
| --- | --- |
| ଭାରତର ସମ୍ବିଧାନ | ଶିଶୁମାନଙ୍କ ପାଇଁ ମୁଖ୍ୟ ସାମ୍ବିଧାନିକ ଅଧିକାରଗୁଡ଼ିକ ହେଲା - ୬ରୁ ୧୪ ବର୍ଷ ବୟସର ସବୁ ପିଲାଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ପାଇବାର ଅଧିକାର; ୧୪ ବର୍ଷ ବୟସ ପର୍ଯ୍ୟନ୍ତ କୌଣସି ପ୍ରକାର କାର୍ଯ୍ୟରେ ନିୟୋଜିତ ନହେବାର ଅଧିକାର; ସବୁ ପିଲା ସ୍ୱସ୍ଥଭାବେ ବଢ଼ିବାପାଇଁ ସମାନ ସୁଯୋଗ ପାଇବାର ଅଧିକାର; ସମାନତାର ଅଧିକାର; ଜାତି, ଧର୍ମ, ଲିଙ୍ଗ ବା ଅନ୍ୟ କୌଣସି ଆଧାରରେ ଭେଦଭାବ ବିରୁଦ୍ଧରେ ଅଧିକାର; ସ୍ୱାସ୍ଥ୍ୟ ଏବଂ ପୋଷଣର ଅଧିକାର; ଅବୈଧ ଚାଲାଣ ଏବଂ ଗୋଟି ଶ୍ରମିକ ହେବାରୁ ସୁରକ୍ଷା ପାଇବାର ଅଧିକାର |
| ଜାତୀୟ ଶିଶୁ ନୀତି, ୨୦୧୩ | ଏହା ଜୀବନ ରକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ବିକାଶ, ଏବଂ ସହଭାଗିତାକୁ ପ୍ରତ୍ୟେକ ଶିଶୁର ଅନସ୍ୱୀକାର୍ଯ୍ୟ ଅଧିକାରଭାବେ ଚିହ୍ନଟ କରିଛି ଏବଂ ଏସବୁକୁ ପ୍ରମୁଖ ଅଗ୍ରାଧିକାର କ୍ଷେତ୍ର ଭାବେ ଘୋଷଣା କରିଛି । |
| କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ, ୨୦୧୫; | ଏହା ମୁଖ୍ୟତଃ ଦୁଇ ପ୍ରକାର ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ – ୧) ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ, ଏବଂ ୨) ଆଇନ |

| | |
|---|---|
| ଏହାର ସଂଶୋଧନ ୨୦୨୧ | ଉଲ୍ଲଂଘନକାରୀ ଶିଶୁ । ଉପଯୁକ୍ତ ବ୍ୟବସ୍ଥାବଳୀ ମାଧ୍ୟମରେ ସେମାନଙ୍କୁ ଥଇଥାନ କରି କିପରି ସମାଜର ମୁଖ୍ୟ ସ୍ରୋତରେ ପୁଣି ଥରେ ସାମିଲ କରାଯିବ, ଏହି ଆଇନ ତାହା ସୁନିଶ୍ଚିତ କରିଥାଏ । |
| ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା,୨୦୧୨ | ଶିଶୁମାନଙ୍କ ବିରୁଦ୍ଧରେ ସଙ୍ଗଠିତ ହେଉଥିବା ବିଭିନ୍ନ ଯୌନ ଅପରାଧ ନିମନ୍ତେ ସମୁଚିତ ଦଣ୍ଡର ବ୍ୟବସ୍ଥା କରାଯାଇଛି । ଏହି ଆଇନ ଅଧୀନରେ ନିଜ ନିର୍ଦ୍ଦୋଷତାର ପ୍ରମାଣ କରିବାର ଭାର ଖୋଦ୍ ଅଭିଯୁକ୍ତ ଉପରେ ହିଁ ନ୍ୟସ୍ତ ହୋଇଥାଏ । |
| ବାଲ୍ୟ ବିବାହ ନିଷେଧ ଅଧିନିୟମ, ୨୦୦୬ | ଏହି ଆଇନ ଅଧୀନରେ ୨୧ରୁ କମ୍ ବୟସର ପୁଅ ଅଥବା ୧୮ରୁ କମ୍ ବୟସର କୌଣସି ଝିଅ ଶିଶୁଭାବେ ବିବେଚିତ ହେବେ । କୌଣସି ଏକ ପକ୍ଷ ବା ଉଭୟ ପକ୍ଷ ଶିଶୁ ହୋଇଥିଲେ ସେହି ବିବାହକୁ ନିଷେଧ କରାଯାଇଛି । |
| ଶିଶୁ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ, ୧୯୮୬; ଏହାର ସଂଶୋଧନ, ୨୦୧୬ | ଏହି ଆଇନ୍ ଅଧୀନରେ ୧୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ନିୟୋଜନକୁ ସଂପୂର୍ଣ୍ଣଭାବେ ନିଷେଧ କରାଯାଇଛି । ଏହା ସହିତ ୧୪ରୁ ୧୮ ବର୍ଷ ବୟସର ଶିଶୁମାନଙ୍କୁ ବିପଦଶଙ୍କୁଳ ବୃି ଏବଂ ପ୍ରକ୍ରିୟାରେ ନିୟୋଜନକୁ ନିଷେଧ କରିବା ସହ ନିଷେଧ ହୋଇନଥିବା କ୍ଷେତ୍ରରେ କାର୍ଯ୍ୟ ସ୍ଥିତିକୁ ନିୟନ୍ତ୍ରଣ କରିଥାଏ । |
| ଅନୈତିକ ଚାଲାଣ (ପ୍ରତିଷେଧ) ଅଧିନିୟମ, ୧୯୫୬ | ଏହି ଆଇନ ଅଧୀନରେ ଶିଶୁର ବୟସ ୧୬ ବର୍ଷ ବୋଲି ଧାର୍ଯ୍ୟ କରାଯାଇଛି ଏବଂ କୌଣସି ଶିଶୁକୁ ବେଶ୍ୟାବୃିରେ ନିୟୋଜିତ କଲେ, ତହିଁ ବିରୁଦ୍ଧରେ ଦଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି । |
| ପ୍ରାକ୍-ଗର୍ଭଧାରଣ ଏବଂ ପ୍ରାକ୍-ପ୍ରସୂତୀ ନିଦାନ କୌଶଳ (ଲିଙ୍ଗ ଚୟନ ନିଷେଧ) ଅଧିନିୟମ, ୧୯୯୪ | ଏହି ଆଇନ୍‌ରେ ଶିଶୁର ଲିଙ୍ଗ ଚୟନକୁ ନିଷେଧ କରାଯାଇଛି । |
| ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ | ଏହି ଆଇନ ଅଧୀନରେ ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁ ନିଜ ନିଜ ବାସସ୍ଥାନ ନିକଟରେ ନିଃଶୁଳ୍କ ଏବଂ ବାଧ୍ୟତାମୂଳକ ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି । |
| ଶିଶୁ ଅଧିକାର ସୁରକ୍ଷା କମିଶନ ଅଧିନିୟମ, ୨୦୦୫ | ଶିଶୁମାନଙ୍କ ସୁରକ୍ଷା ପାଇଁ ହୋଇଥିବା ଆଇନଗୁଡ଼ିକର କାର୍ଯ୍ୟକାରିତା ଏବଂ ଶିଶୁମାନଙ୍କ ବିରୋଧରେ ହୋଇଥିବା ଅପରାଧଗୁଡ଼ିକର ବିଚାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ଜାତୀୟ ଏବଂ ରାଜ୍ୟ ସ୍ତରରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏହି ଆଇନ ଅଧୀନରେ ଗଠନ କରାଯାଇଛି । |

| | |
|---|---|
| ସମନ୍ୱିତ ଶିଶୁ ବିକାଶ ଯୋଜନା | |
| ପୋଷ୍ୟତା ରେଗୁଲେସନସ୍, ୨୦୧୭; ଏହାର ସଂଶୋଧନ ୨୦୨୧ | |

## ଶିଶୁ ସୁରକ୍ଷା ସହାୟତା ପାଇଁ ଯୋଗାଯୋଗ:

| ବିପଦପୂର୍ଣ୍ଣ/ଅସୁରକ୍ଷିତ ସ୍ଥିତି | ସହାୟତାକାରୀ ବ୍ୟକ୍ତି/ସଂସ୍ଥା | ଟେଲିଫୋନ ନମ୍ବର |
|---|---|---|
| ଯତ୍ନ ଓ ସୁରକ୍ଷାର ଆବଶ୍ୟକତାରେ ଥିବା ଶିଶୁ | ଜିଲ୍ଲା ଶିଶୁ କଲ୍ୟାଣ କମିଟି<br>ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ | |
| ଆଇନ୍ ଉଲ୍ଲଂଘନକାରୀ ଶିଶୁ | ଜିଲ୍ଲା କିଶୋର ନ୍ୟାୟ ପରିଷଦ | |
| ବାଲ୍ୟ ବିବାହ | ବାଲ୍ୟ ବିବାହ ନିଷେଧ ଅଧିକାରୀ<br>(ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ) | |
| ଶିଶୁ ଶ୍ରମିକ | ଜିଲ୍ଲା ଶିଶୁ ଶ୍ରମ ଅଧିକାରୀ | |
| ଶିଶୁମାନଙ୍କ ଉପରେ ଯୌନ ଅପରାଧ | | |
| ଶିଶୁ ଚାଲାଣ | ମାନବ ଚାଲାଣ ପ୍ରତିଷେଧକ ୟୁନିଟ୍ | |
| ଶିକ୍ଷା ସହାୟତା | ବ୍ଲକ ଶିକ୍ଷା ଅଧିକାରୀ | |
| ତୁରନ୍ତ ହସ୍ତକ୍ଷେପ ଓ ସାହାଯ୍ୟ | ଚାଇଲ୍ଡଲାଇନ୍<br>ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ | |